# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା 17.08.2022 ରିଖ

ସମୟ - ପୂର୍ବାହ୍ନ ଘ.10.30 ମିନିଟ୍
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଛବି ଦାଶ,
୩. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୪. ଶ୍ରୀମତୀ ମୋନାଲିସା ସାହୁ,
୫. ଶ୍ରୀମତୀ ରଞ୍ଜୁଲତା ରାୟ,
୬. ଶ୍ରୀ ଭରତ କୁମାର ଲେଙ୍କା

ଅଦ୍ୟ ତା 17.08.2022 ରିଖ ପୂର୍ବାହ୍ନ ଘ.10.30 ମିନିଟ୍ ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳର ସଫେଇ କାର୍ଯ୍ୟ ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ପରିମଳ ନିରୀକ୍ଷକଙ୍କ ମଧରୁ ଜଣେ ଅବସର ନେଇଛନ୍ତି, ଆଉ ଦୁଇ ଜଣ ଅନ୍ୟତ୍ର ବଦଳି ହୋଇ ଯାଇଛନ୍ତି । ତେଣୁ ସଫେଇ ଏବଂ ପରିମଳ କାର୍ଯ୍ୟ ତଦାରଖ କରିବା ପାଇଁ ବର୍ତ୍ତମାନ ମାତ୍ର ୩୦ ଜଣ ପରିମଳ ନିରୀକ୍ଷକ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ଅଛନ୍ତି । ଅତି କମ୍‌ରେ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଜଣେ ଲେଖାଏଁ ପରିମଳ ନିରୀକ୍ଷକଙ୍କୁ ନିୟୋଜିତ କରିବା ପାଇଁ ନୂତନ ଭାବେ ଆଉ ୩୭ ଜଣ ପରିମଳ ନିରୀକ୍ଷକ ନିୟୋଜିତ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ କଠିନ ବର୍ଜ୍ୟବସ୍ତୁ ନପକାଇବା ପାଇଁ ବିଭିନ୍ନ ମାଧମରେ ସଚେତନ କରାଯାଇଥିଲେ ମଧ କେତେକ ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ବିଭିନ୍ନ ବ୍ୟକ୍ତି/ଅନୁଷ୍ଠାନ ପକାଉଥିବାର କମିଟିର ଦୃଷ୍ଟିକୁ ଆସିଅଛି, ତେଣୁ ଖୋଲାପକାରୀ residential ଗୃହ ପାଇଁ ଟ ୧୦୦/- ପରିବର୍ତେ ଟ ୫୦୦/- ଏବଂ commercial ପ୍ରତିଷ୍ଠାନ ପାଇଁ ଧାର୍ଯ୍ୟ ରାଶି ପରିବର୍ତେ ଟ୫୦୦୦/- ମାତ୍ର fine/spot fine ବାବଦରେ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୧୬,୨୦,୨୧ ଏବଂ ୨୬ ରେ CSR ଅନୁଦାନରେ ସମନ୍ୱିତ ବିକେନ୍ଦ୍ରୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ କାର୍ଯ୍ୟକାରୀ କରିବା ଏବଂ ଏହି ୪ ଗୋଟି ୱାର୍ଡ଼ ଉଦ୍ଦିଷ୍ଟ ହଟିଆସୁଣୀ ଠାରେ ନିର୍ମିତ ସମ୍ପଦ କେନ୍ଦ୍ର (Wealth Centre, MCC & MRF) ଦୁଇ ବର୍ଷ ପର୍ଯ୍ୟନ୍ତ ସୁପରିଚାଳନା ଦାୟିତ୍ୱ Feedback charitable trust କୁ ଦେବା ନିମନ୍ତେ ଏବଂ ଏହି କେନ୍ଦ୍ରର ସୁପରିଚାଳନା ପାଇଁ gap fund ବାବଦକୁ ମାସିକ ଟ ୯,୦୦,୦୦୦/- ମାତ୍ର ହିସାବରେ ରେ 15th finance commission ଫଣ୍ଡ୍ ରୁ ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ରସଂଖ୍ୟା-୧୩୮୨୨ ତା ୧୦.୦୮.୨୦୨୨ ରିଖ ମର୍ମାନୁଯାୟୀ ଆଜାଦି କା ଅମୃତ ମହୋତ୍ସବ ପାଳନ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମର ପ୍ରତ୍ୟେକ ୱାର୍ଡ଼ର ବସ୍ତି ଏବଂ ଅଣବସ୍ତି ଅଂଚଳରେ ତା ୧୬.୦୮.୨୦୨୨ ରିଖ ଠାରୁ ତା ୧୫.୦୯.୨୦୨୨ ରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର (ପରିମଳ ଆଧାରିତ) କାର୍ଯ୍ୟକ୍ରମ ନିମନ୍ତେ ପ୍ରତ୍ୟେକ ୱାର୍ଡ଼ ପିଛା ଟ ୫୦,୦୦୦/- ମାତ୍ର ହିସାବରେ, ଉତର ମଣ୍ଡଳ ଏବଂ ଦକ୍ଷିଣ-ପଶ୍ଚିମ ମଣ୍ଡଳକୁ ଟ ୧୦,୫୦,୦୦୦/- ଲେଖାଏଁ ଏବଂ ଦକ୍ଷିଣ-ପୂର୍ବ ମଣ୍ଡଳକୁ ଟ ୧୨,୫୦,୦୦୦/- ମାତ୍ର ଓ ପ୍ରତ୍ୟେକ ଜୋନ୍‌କୁ କଂଟିଜେନ୍‌ସି ବାବଦକୁ ଟ୧,୦୦,୦୦୦/- (ଏକ ଲକ୍ଷ) ମାତ୍ର ହାରରେ ମୋଟ ଟ ୩୬,୫୦,୦୦୦/- (ଛତିଶ ଲକ୍ଷ ପଚାଶ ହଜାର) ମାତ୍ର ପ୍ରଦାନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଅପରାହ୍ନ ଘ. 1.25 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ବିଂଚି ନାରାୟଣ ମହାସୁପକାର
ସଭାପତି
ତା 17.08.2022 ରିଖ